ନବସାକ୍ଷରମାନଙ୍କ

ଚୁମାଣ ଆଠଗୁଣୁ

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା

ଜନଶିକ୍ଷା ଭବନ, ଭୁବନେଶ୍ୱର

Digitized by srujanika@gmail.com

ନବସାକ୍ଷରଙ୍କ

ଛ'ମାଣ ଆଠ ଗୁଣ୍ଠ

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର
ଓଡ଼ିଶା, ଭୁବନେଶ୍ୱର

Digitized by srujanika@gmail.com

ନବସାକ୍ଷରଙ୍କ "ଛ'ମାଣ ଆଠ ଗୁଣ୍ଠ"

ଲେଖକ : ଫକୀର ମୋହନ ସେନାପତି
ପୁନଃ ଲେଖନ : ଦାଶ ବେନହୁର ଓ
ଓ ସଂକ୍ଷିପ୍ତୀକରଣ ଜୟନ୍ତ କୁମାର ବିଶ୍ୱାଳ
ପ୍ରଥମ ମୁଦ୍ରଣ : ୧୯୯୭
ପ୍ରକାଶନ ସଂଖ୍ୟା : ଏସ୍.ଆର୍.ସି. ୧୯୫-୨୭/୯୭
ମୁଦ୍ରଣ ସଂଖ୍ୟା : ୨,୦୦୦
ପ୍ରକାଶକ : ଡଃ. ବିମଳେନ୍ଦୁ ମହାନ୍ତି, ନିର୍ଦ୍ଦେଶକ
ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଭୁବନେଶ୍ୱର - ୭୫୧ ୦୦୧
ମୁଦ୍ରଣ : ନିସ୍ୱାସ, ଭୁବନେଶ୍ୱର - ୭୫୧ ୦୧୬
ମୂଲ୍ୟ : ଟ. ୩.୫୦

NABA SAKSHARANKA

CHHA MANA ATHA GUNTHA

Author : Phakir Mohan Senapati
Abridged & : Das Benhur &
Retold by Jayanta Kumar Biswal
First Edition : 1997
Publication No. : SRC - 195-27/97
No. of Copies : 2,000
Published by : Dr. Bimalendu Mohanty, Director
State Resource Centre for Adult Education,
Orissa, Bhubaneswar - 751 001
Printed at : NISWASS, Bhubaneswar - 751 016
Price : Rs. 3.50

Digitized by srujanika@gmail.com

କହି ରଖିବାକୁ ଚାହୁଁ

ଫକୀର ମୋହନ ସେନାପତି ଆଧୁନିକ ଓଡ଼ିଆ କଥା ସାହିତ୍ୟର ଜନକ । ''ଛ'ମାଣ ଆଠ ଗୁଣ୍ଠ'', ''ମାମୁଁ'', ''ପ୍ରାୟଶ୍ଚିତ'' ଆଉ ''ଲଛମା'' ନାମରେ ସେ ଚାରିଖଣ୍ଡ ଉପନ୍ୟାସ ଲେଖି ଯାଇଛନ୍ତି । ପ୍ରଥମ ତିନୋଟି ସାମାଜିକ ଏବଂ ଶେଷ ବହିଟି ଐତିହାସିକ ଉପନ୍ୟାସ ।

''ଛ'ମାଣ ଆଠ ଗୁଣ୍ଠ'' ଫକୀର ମୋହନଙ୍କ ଲିଖିତ ଚାରିଖଣ୍ଡ ଉପନ୍ୟାସ ମଧ୍ୟରୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପନ୍ୟାସ । ଯେଉଁମାନେ ନୂଆ ନୂଆ ଅକ୍ଷର ଶିଖି ସାକ୍ଷର ହୋଇଛନ୍ତି ଏବଂ ଯେଉଁମାନେ ମୂଳ ଉପନ୍ୟାସ ଆକାର ବଡ଼ ହୋଇଥିବାରୁ ପଢ଼ିବାକୁ ସମୟ ପାଉ ନାହାନ୍ତି - ସେମାନଙ୍କ ପାଇଁ ସରଳ ଭାଷାରେ, ଛୋଟ ଆକାରରେ, ବଡ଼ ଅକ୍ଷରରେ ଛାପି ଏ ବହିଟି ପ୍ରକାଶ କରା ଯାଇଛି । ମୂଳ କାହାଣୀରେ କୌଣସି ଅଦଳ ବଦଳ ନ କରି ନବ ସାକ୍ଷରମାନେ ବୁଝି ପାରିବା ଭଳି ସରଳ ଭାଷାରେ ଏ ଛୋଟ ବହିଟି ଲେଖି ଦେଇଛନ୍ତି ଓଡ଼ିଶାର ଦୁଇଜଣ ଜଣାଶୁଣା ଲେଖକ ଦାଶ ବେନହୁର ଓ ଜୟନ୍ତ କୁମାର ବିଶ୍ୱାଳ ।

''ଛ'ମାଣ ଆଠ ଗୁଣ୍ଠ'' ଉପନ୍ୟାସର ସାର କଥା ଏ ବହିରେ ଅଛି । ଏ ବହି ପଢ଼ି ସାରି ଯେଉଁମାନେ ଅଧିକ ଆଗ୍ରହୀ ହେବେ ସେମାନେ ଫକୀର ମୋହନଙ୍କ ନିଜ ଭାଷାରେ ଲେଖା ମୂଳ ଉପନ୍ୟାସଟି ପଢ଼ିଲେ ଆମେ ଅଧିକ ଖୁସି ହେବୁ ।

ଡକ୍ଟର ବିମଳେନ୍ଦୁ ମହାନ୍ତି
ନିର୍ଦ୍ଦେଶକ

Digitized by srujanika@gmail.com

ଛ'ମାଣ ଆଠ ଗୁଣ୍ଠ

(୧)

କଟକ ଜିଲ୍ଲାରେ ଗୋଟିଏ ଗାଁ - ଗୋବିନ୍ଦ ପୁର । ଗୋବିନ୍ଦପୁର ଏବଂ ତା ପାଖାପାଖି ଆଉ ଚାରି ଖଣ୍ଡ ଗାଁକୁ ନେଇ ଫତେପୁର ସରଷଣ୍ଡ ଜମିଦାରୀ । ତାର ଜମିଦାର ଥିଲେ ରାମଚନ୍ଦ୍ର ମଙ୍ଗରାଜ ।

ମଙ୍ଗରାଜ ଉପରକୁ ଦେଖିବାକୁ ଅତି ଧର୍ମପରାୟଣ ଲୋକ । ଏକାଦଶୀ ଦିନ ପୂରା ଉପାସ । ବ୍ରାହ୍ମଣ ଭୋଜନ ନ କରେଇଲେ ନିଜେ କିଛି ବି ଛୁଅନ୍ତି ନାହିଁ । ମାତ୍ର ମଙ୍ଗରାଜଙ୍କର ବୋଲକରା ଭଗା ଭଣ୍ଡାରୀ ଦିନେ କହିବା ଶୁଣାଯାଇଥିଲା ଯେ, ପ୍ରତି ଏକାଦଶୀ ଦିନ ସଞ୍ଜବେଳେ ସାଆନ୍ତଙ୍କ ଶୋଇବା ଘରେ ସେରେ ଦୁଧ, ଦି'ଶୁ ଖଇ, ନବାତ, ପାଚିଲା କଦଳୀ ରଖାଯାଇଥାଏ । ସେ ତା' ଆରଦିନ ବଡ଼ି ସକାଳେ ଖାଲି ବାସନ ମାଜେ ।

Digitized by srujanika@gmail.com

ଭୋଜନବେଳେ ମଙ୍ଗରାଜେ ଅତିଥି, ବ୍ରାହ୍ମଣମାନଙ୍କୁ ନିଜେ ବାଢ଼ି କରିଦିଅନ୍ତି । ଥରେ ପତ୍ରରେ କିଛି କିଛି ଚୁଡ଼ା ଓ ଗୁଡ଼ ଲଗେଇଦେଇ ବଡ଼ ପାଟିରେ ହାତ ଯୋଡ଼ି କହନ୍ତି, ''ଗୋସାଇଁମାନେ ! କହିବା ହେଉ, ଆଉ କିଛି ଲୋଡ଼ା କି ନାହିଁ । ଢେର ଜଳପାନ, ଢେର ଗୁଡ଼ ଅଛି; ମାତ୍ର ମୁଁ ଜାଣେ, ଆପଣମାନଙ୍କ ଆଖି ବଡ଼, ପେଟ ସାନ । ଆପଣମାନଙ୍କ ପେଟକୁ ବଳିପଡ଼ିଲାଣି ।''

କଥା କହିବାରେ ମଙ୍ଗରାଜେ ବେଶ୍ ପାରିବାର । ଫିକର କରି ଅନ୍ୟର ଜମିବାଡ଼ି ହାସଲ କରିବାରେ ସେ ମଧ୍ୟ ସେମିତି । ନିଜ ମାଉସୀ ପୁଅ ଭାଇ ଶ୍ୟାମ ମଲ୍ଲକୁ ସେ ମଧ୍ୟ ଠକିବାକୁ ପଛେଇ ନଥିଲେ । ଶ୍ୟାମ ସହରକୁ ଯାଇ ଥରେ ପିଆଜ ମିଶା କୋବି ଖାଇ ଦେଇଥିଲା । ସେତେବେଳେ ପିଆଜ ଖାଇବା ବାରଣ ଥିଲା । ଲୋକେ ଭାବୁଥିଲେ, ପିଆଜ ଖାଇଲେ ଧର୍ମ ଚାଲିଯିବ । ମଙ୍ଗରାଜେ ଏ କଥା ଜାଣିଲେ । ଶ୍ୟାମକୁ ପ୍ରାୟଶ୍ଚିତ କରିବାକୁ ହେବ । ବ୍ରାହ୍ମଣ ଭୋଜନ ଏବଂ ଅନ୍ୟାନ୍ୟ ସବୁ ଖର୍ଚ୍ଚ କରିବାକୁ ପଡ଼ିବ । ଶ୍ୟାମର ଅଭାବ ଥିଲା । ଏଇ ସୁଯୋଗରେ ମଙ୍ଗରାଜେ ମାଣକୁ ମାତ୍ର ପାଞ୍ଚ ଟଙ୍କାରେ ତାର ପନ୍ଦର ମାଣ ଜମି ନିଜ ଦଖଲକୁ ନେଇଗଲେ ।

Digitized by srujanika@gmail.com

ଫତେପୁର ସରଷଣ୍ଡ ଜମିଦାରୀ ବି ସେ ସେମିତି ହାସଲ କରିଥିଲେ । ସେତେବେଳେ ଆମ ଓଡ଼ିଶାର ଜମିଦାରୀମାନ କଲିକତାରେ ନିଲାମ ହେଉଥିଲା । ସେଖ୍ କେରାମତ ଅଲି ନାମକ ଜଣେ ଥାନା ଦାରୋଗା ଏ ଫତେପୁର ସରଷଣ୍ଡ ଜମିଦାରୀକୁ ନିଲାମରେ କିଣିଥିଲେ । କିଛି ଦିନ ପରେ କେରାମତ ଅଲିଙ୍କର ମୃତ୍ୟୁ ହେଲା । ତାଙ୍କର ଗୋଟିଏ ବୋଲି ପୁଅ । ତାଙ୍କ ନାଆଁ ଦିଲ୍‌ଦାର ମିଆଁ । ମଉଜ ମଜଲିସରେ ମାତି ସେ ବହୁତ ଧନ ସଂପତ୍ତି ଉଡ଼େଇଦେଲେ । ଜମିଦାରୀ ପ୍ରତି ବିଲ୍‌କୁଲ୍ ନଜର ଦେଲେ ନାହିଁ । ଏଣେ ମଉଜ ପାଇଁ ପଇସା ଦରକାର ପଡ଼ିଲାରୁ ରଣ କଲେ । ଏତିକିବେଳେ ମଙ୍ଗରାଜ ଦିଲ୍‌ଦାର ମିଆଁଙ୍କ ପାଖରେ ଖଜଣା ଆଦାୟକାରୀ ଭାବେ ଚାକିରୀ କଲେ । ମାତ୍ର ଲୋକଙ୍କଠାରୁ ଖଜଣା ଅସୁଲ କରି ମଙ୍ଗରାଜ ଦିଲ୍‌ଦାର ମିଆଁଙ୍କୁ ଜଣାଉଥିଲେ ଯେ, ଖଜଣା ଅସୁଲ ହେଉନାହିଁ । ପଇସା ଅଭାବରୁ ଦିଲ୍‌ଦାର ମିଆଁ ମଙ୍ଗରାଜଙ୍କଠାରୁ ଧାର ନେଉଥିଲେ । ଏମିତି ଥରେ ଦିଲ୍‌ଦାର ନିଶା ଖାଇ ଭୋଳ ହୋଇପଡ଼ିଥାଆନ୍ତି । ଏହି ସୁଯୋଗରେ ମଙ୍ଗରାଜ ତିରିଶ ହଜାର ଟଙ୍କାର ରସିଦଟିଏ ତାଙ୍କଠାରୁ ଦସ୍ତଖତ କରିନେଲେ । ସେ ଧାର ଆଉ ଦିଲ୍‌ଦାର ଶୁଝି ପାରିଲେ ନାହିଁ । ଏଣୁ ମଙ୍ଗରାଜ ତାଙ୍କ ଜମିଦାରୀର ମାଲିକ ହୋଇଗଲେ ।

Digitized by srujanika@gmail.com

ଏମିତି ଫିକର କରି ମଙ୍ଗରାଜ ନିଜ ସଂପତ୍ତି ବଢ଼ାଉଥିଲେ । ତାଙ୍କର ଉଆସକୁ ଲାଗି ଗୋଟିଏ ବଡ଼ ବଗିଚା ଥାଏ । ବଗିଚାରେ ସବୁ ପ୍ରକାରର ଫଳ ଓ ପନିପରିବା ହୁଏ । ସେସବୁ ହାଟକୁ ବିକ୍ରି ପାଇଁ ଯାଏ । ସେଥିପାଇଁ ଜମିଦାର ସାଆନ୍ତଙ୍କର କଡ଼ା ହୁକୁମ ଥାଏ । ତାଙ୍କ ବାଡ଼ିର ପନିପରିବା ବିକ୍ରି ହେଲା ପରେ ଯାଇ ଅନ୍ୟମାନଙ୍କର ବିକ୍ରି ହେବ । ଜମିଦାରଙ୍କ କଥା ଅନ୍ୟଥା କରିବ କିଏ ! ଗରିବ ଲୋକମାନଙ୍କର ପରିବା ବିକ୍ରି ନ ହେଉଣୁ; ତାଙ୍କର ଆଗ ବିକ୍ରି ହୋଇଯାଏ ।

ମଙ୍ଗରାଜଙ୍କ ପାଖରେ ଯେଉଁ ହଳିଆ ଥିଲେ, ସେମାନଙ୍କ ଅବସ୍ଥା କହିଲେ ନ ସରେ । ଝଡ଼ି, ବର୍ଷା, ଖରା ଯାହା ହେଉ, ପାହାନ୍ତାରୁ ଉଠି କାମ କରିବେ । ଖରାବେଳେ ଭୋକରେ ହଳିଆ ଫେରିଲା ପରେ ମଙ୍ଗରାଜ ବ୍ୟସ୍ତ ହେଲା ପରି ଡକା ପକାଇବେ— ''ଆରେ ତୋରାଣି ଆଣ, ତୋରାଣି ଆଣ, ଏମାନଙ୍କ ତଣ୍ଟି ଶୁଖିଯାଉଛି ।'' ରୋଷେଇଆ ତୋରାଣି କଂସାରେ ଢ଼ାଳି ଦେଇଯାଏ । ତା ପରେ ଭାତ ଲାଗେ । କିନ୍ତୁ ତୋରାଣି ପିଇସାରି ଭାତ ଖାଇବାକୁ କାହା ପେଟରେ ଆଉ ସେତେ ଜାଗା ଥାଏ ଯେ !

ଏମିତି ନାନା କୂଟ କପଟରେ ମଙ୍ଗରାଜ ନିଜ ସ୍ୱାର୍ଥକୁ ଠିକ୍ ସମ୍ଭାଳିଥାନ୍ତି । ଦିନେ ସକାଳୁ ସାଆନ୍ତଙ୍କ ହଳିଆ ଜଣେଇଲା,

Digitized by srujanika@gmail.com

''ଆଜ୍ଞା ଦେଢ଼ ମାଣ ବିଲ ରୁଆ ନ ହୋଇ ରହିଗଲା, ଡଳି ନିଅଣ୍ଟ ।''

ଦେଢ଼ ମାଣ ବିଲ ବାକି ରହିଯିବ ? ସାଆନ୍ତେ ଅଣ୍ଟାରେ ଗାମୁଛା ଭିଡ଼ି, ବଡ଼ ତାଳ ପତ୍ର ଛତାଟି ଧରି ବିଲକୁ ବାହାରିଲେ । ଶ୍ୟାମ ଗୋଛାଇତ ତା ବିଲଟି ରୋଇ ସାରିଲାଣି । ମଙ୍ଗରାଜ ଆଗ ତା ସହିତ କିଛି ସମୟ ଦୁଃଖ ସୁଖ ହେଲେ । ତା ପରେ ହଠାତ୍ ବିଲ ଆଡେ ଅନେଇ ମୁରବି ପଣିଆ କାଢ଼ି କହିଲେ,

Digitized by srujanika@gmail.com

‘‘ଆରେ ଶ୍ୟାମ, ତୁ କଣ କରିଛୁ ? ତୁ ଟା ତ ନିହାତି ଓଲୁ । ଚାଷ କିଛି ଜାଣୁ ନାହୁଁ । ଏତେ ଲଗା ଲଗି କରି ରୋଇଲେ କଣ ଧାନ ଫଳେ ? ଗଛ ଅଧେ ଉପାଡ଼ି ପକା ।’’

ଶ୍ୟାମ କହିଲା, ‘‘ଆଜ୍ଞା, ମୁଁ ତ ସବୁ ବରଷ ଏହିପରି ରୁଏଁ, ସଭିଏ ରୁଅନ୍ତି ।’’

ମଙ୍ଗରାଜ ପାଟି କଲେ, ‘‘ଆରେ ଓଲୁ, ଭଲ କହିଲେ ଶୁଣୁ ନାହୁଁ । ଆରେ ଗୋବିନ୍ଦା, ଦେଖାଇ ଦେ’ତ ।’’

ତାଙ୍କ କଥା ସରିଛି କି ନାହିଁ, ଜମିଦାରଙ୍କ ଦୁଇ ଚାକର ଗୋବିନ୍ଦା ଓ ପାଣ୍ଡିଆ ମିଶି ଶ୍ୟାମ କିଆରୀରୁ ଅଧା ତଳି ପଦା କରିଦେଲେ । ସେଇ ତଳି ନେଇ ମଙ୍ଗରାଜ ତାଙ୍କ ବିଲ ଆଡେ ବାହାରି ଗଲେ ।

ମଙ୍ଗରାଜ ଯେତିକି ହୁସିଆର, ତାଙ୍କର ତିନି ପୁଅ ସେତକି ବେପରବାୟ । ଗଞ୍ଜେଇ ଖାଇବା, ତାସ୍ ଖେଳିବା, ଗୋବରା ଚଢ଼େଇ ଧରିବାରେ ସେମାନଙ୍କର ସବୁ ସମୟ ଯାଉଥିଲା । ପୁଅମାନଙ୍କ ପରି ବୋହୂମାନେ ମଧ୍ୟ ଅଳସୁଆମି ଓ ଗପସପ, କଳିକଜିଆରେ ଦିନ କଟାଉଥିଲେ । ସମସ୍ତଙ୍କଠାରୁ ଭିନ୍ନ ପ୍ରକୃତିର ଥିଲେ ସାଆନ୍ତାଣୀ, ମଙ୍ଗରାଜଙ୍କ ସ୍ତ୍ରୀ । ସେ ପରର ଦୁଃଖ ଦେଖିଲେ ସହିପାରୁ ନ ଥିଲେ । ଦୁଃଖୀ, ଭିକାରୀ ଯିଏ ଆସିଲେ,

Digitized by srujanika@gmail.com

ତାଙ୍କ ଦୁଆରୁ ଖାଲି ହାତରେ ଫେରୁ ନ ଥିଲେ ।

ମଙ୍ଗରାଜଙ୍କ ସବୁ ଖରାପ କାମର ସାଥୀ ଥିଲା ଜଣେ ସ୍ତ୍ରୀ ଲୋକ । ତା ନାଁ ଚଂପା । ତାର ଜାତି, କୁଳ କିଛି ଜଣା ନ ଥିଲା । ମଙ୍ଗରାଜଙ୍କ ଉଆସରେ ସେ ଦାସୀ କି ସାଆନ୍ତାଣୀ, ତାହା ମଧ କେହି ଜାଣି ପାରୁ ନ ଥିଲେ । ଉଆସରେ ସାଆନ୍ତାଣୀଙ୍କ ଅପେକ୍ଷା ତା'ର ହୁକୁମ ବେଶୀ ଚାଲୁଥିଲା । ହଳିଆ, ମୂଲିଆ, କଚେରୀର ଲୋକମାନେ ତା ପାଖରେ ହାତ ଯୋଡୁଥିଲେ । ସେ ଥିଲା, ସାଆନ୍ତଙ୍କର ଡାହାଣ ହାତ । ତାର ସ୍ୱଭାବ ଯେପରି ନିଷ୍ଠୁର, ରୂପ ଥିଲା ସେପରି ଭୟଙ୍କର । ଛାମୁଦାନ୍ତ ଦୁଇଟି ତାର ବାହାଡ଼ା । ଗୋଟିକ ଉପରେ ଗୋଟିଏ ଦାନ୍ତ ଟେକିହୋଇ ରହିଥାଏ, ପର୍ବତର ଶୃଙ୍ଗ ପରି । ପାନରେ ଓଠ ଲାଲ୍ କରି, ଆଖିରେ କଜ୍ଜଳ, ଦେହରେ ତେଲ ଓ ହଳଦୀ ଲଗେଇ ଯେତେବେଳେ ଚମ୍ପା ଦୁମୁଦୁମୁ ହୋଇ ଚାଲିଯାଉଥିଲା, ଗାଁ ଲୋକେ ସବୁ ଡରି ଯାଉଥିଲେ ।

ସେହି ଗାଁରେ ତନ୍ତୀ ସାହିରେ ଗୋଟିଏ ପରିବାର ରହୁଥିଲେ – ଭଗିଆ ଓ ତା' ସ୍ତ୍ରୀ ସାରିଆ । ଭଗିଆ ବଡ଼ ସାଧା ସିଧା ଲୋକ, କୂଟକପଟ କିଛି ଜାଣେ ନାହିଁ । ସେ ଯେପରି ତା' ସ୍ତ୍ରୀ ମଧ ସେହିପରି । ଦୁଇଜଣଙ୍କ ଭିତରେ ଗଭୀର ଭାବ ।

Digitized by srujanika@gmail.com

ଭଗିଆ ତନ୍ତ ବୁଣିଲାବେଳେ ସାରିଆ ସୂତା କାମ କରେ, ଚରଖିରେ ସୂତା ଦିଏ । ସାରିଆ ଭାତ ରାନ୍ଧିଲା ବେଳେ ଭଗିଆ ଚୁଲି ଫୁଙ୍କେ, ପାଣି ଆଣି ଦିଏ । ଏମିତି ସେମାନେ ସବୁକାମ ମିଳିମିଶି କରନ୍ତି ।

ସେ ଦୁହିଁଙ୍କର କିନ୍ତୁ ଗୋଟିଏ ବଡ଼ ଅଭାବ ଥିଲା । ସେମାନଙ୍କର ପିଲାଝିଲା ନ ଥିଲେ । ସେଥିପାଇଁ ସାରିଆ ତାର ସବୁ ଆଦରକୁ ନେତ ବୋଲି ଗାଈଟି ଉପରେ ଢ଼ାଳି ଦେଇଥିଲା । ଦିନରାତି ସେ ତାହା ସହ ଲାଗିଥାଏ । ପଘାରୁ ଫିଟିଲେ ମଧ



Digitized by srujanika@gmail.com

ନେତ କୁଆଡେ ଯାଏ ନାହିଁ । ସାରିଆ ପାଖେ ପାଖେ ଥାଏ । ଏପରିକି ସାରିଆର ଭାତ କଂସାରେ ନେତ ମୁହଁ ପୂରେଇ ଖାଏ । ସେତେବେଳେ ସାରିଆ ଗେଲରେ ତାକୁ ସରୁ ଚାପୁଡ଼ାଟିଏ ମାରିଦିଏ ।

ନେତ ଥିଲା ସୁଲକ୍ଷଣୀ ଗାଈଟିଏ । ତାମୁଣ୍ଡ ଉପରେ ଥିଲା ଗୋଟିଏ ଚାନ୍ଦ । କ୍ଷୀର ମଧ ଭଲ ଦେଉଥିଲା । ନେତ ଛଡା ସେ ଦୁଇଜଣଙ୍କର ସମ୍ପତ୍ତି ଥିଲା ଛ'ମାଣ ଆଠଗୁଣ୍ଠର ଜମିଟିଏ । ସେଇଟି ଥିଲା ଖୁବ୍ ଉର୍ବର । ସେଥିରୁ ଧୋଇ ମରୁଡିରେବି ଭଲ ଧାନ ହେଉଥିଲା । ତାକୁ ଭାଗରେ ଲଗେଇ ଭଗିଆ ସାରିଆ ଭଲରେ ଚଳିଯାଉଥିଲେ । ପୁନିଅ ପରବରେ ଭଗିଆ ଜାତି ଭାଇମାନଙ୍କୁ ଡାକି ଖାଇବାକୁ ଦେଉଥିଲା । ଦୁଇପ୍ରାଣୀ ଖୁସିରେ ଚଳି ଯାଉଥିଲେ । ତଥାପି ସେମାନଙ୍କ ମନଭିତରେ ପିଲା ନଥିବାରୁ ଦୁଃଖଟି ରହିଯାଇଥିଲା । ଛୋଟ ଛୋଟ ପିଲାମାନେ ବାହାରେ ଖେଳୁଥିବା ଦେଖିଲେ, ସାରିଆର ମା'ମନ କାନ୍ଦି ଉଠୁଥିଲା । ସେ ସବୁଦିନେ ଅସୁରଦୀଘି ପୋଖରୀକୁ ଗାଧୋଇଯାଏ । ସେଠାରୁ ଫେରିଲାବେଳେ ସେ ମଙ୍ଗଳା ଠାକୁରାଣୀଙ୍କ ଉପରେ ପାଣି ଢ଼ାଳେ । ଛୁଆଟିଏ ପାଇଁ କେତେ ନେହୁରା ହୁଏ ।

Digitized by srujanika@gmail.com

ଗୋବିନ୍ଦପୁର ଗାଆଁର ଅସୁରଦିଘୀ ପୋଖରୀଟି ଥିଲା ଖୁବ୍ ବଡ । ଲୋକେ କୁହନ୍ତି, କାହିଁ କେଉଁ କାଳେ ଅସୁରମାନେ ଏହି ପୋଖରୀ ଖୋଳିଥିଲେ । ଗାଁ ଭିତରୁ ଅସୁରଦିଘୀକୁ ଯିବା ବାଟରେ ଡାହାଣ ପାଖରେ ଗୋଟିଏ ବିରାଟ ବରଗଛ । ମୂଳ ଗଛର ଚିହ୍ନ ନାହିଁ; ମାତ୍ର ତାହାର ଓହଳ ସବୁ ଛନ୍ଦା ଛନ୍ଦି ହୋଇ ବିରାଟ ଜାଗା ମାଡି ବସିଛନ୍ତି । ଲୋକଙ୍କ ବିଶ୍ୱାସ, ଏ ସତ୍ୟ ଯୁଗର ଗଛ । ଗଛ ମୂଳରେ ଗ୍ରାମ ଦେବତୀ ବୁଢ଼ୀ ମଙ୍ଗଳାଙ୍କ ଆସ୍ଥାନ । ଠାକୁରାଣୀଙ୍କ ବିରାଟ ମୂର୍ତ୍ତି ଉପରେ ଚାରି ଆଙ୍ଗୁଳ ବହଳର ସିନ୍ଦୂର ବୋଳା ହୋଇଥାଏ । ଠାକୁରାଣୀ ଭାରି ପ୍ରତ୍ୟକ୍ଷ । ଗାଁରେ କାହାରି ବିଭାଘର, ପୁଆଣୀ ଘର, ଦେହଖରାପ ବା ମାନସିକ ଥିଲେ ମଙ୍ଗଳା ଠାକୁରାଣୀଙ୍କ ପାଖରେ ପୂଜା ପୂଜି ହୁଏ । ଗାଁ ଲୋକଙ୍କର ବିଶ୍ୱାସ ବୁଢ଼ୀ ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ମଙ୍ଗଳ ।

(୨)

ଛୁଆ ପାଇଁ ସାରିଆ ଓ ଭଗିଆ କିପରି ହାଇଁ ପାଇଁ ହେଉଛନ୍ତି - ଏ କଥା ମଙ୍ଗରାଜ ଓ ଚମ୍ପା ଠିକ୍ ଜାଣିଥିଲେ । ଭଗିଆ-ସାରିଆଙ୍କର ଛ'ମାଣ ଆଠ ଗୁଣ୍ଠ ଜମି ଓ ନେଡ ଗାଈ ଉପରେ କେଉଁ ଦିନରୁ ସେମାନଙ୍କର ଲୋଭ ଥିଲା । ସନାରଣା ଗ୍ରାମ ଦେବୀଙ୍କୁ ପୂଜା କରେ । ମଙ୍ଗରାଜ ଦିନେ ତାକୁ ଲୋଭ

Digitized by srujanika@gmail.com

ଦେଖାଇ କହିଲେ, ''ଦେଖ ସନା, ତୋତେ ମୁଁ କହୁଛି, ତୁ ଗୋଟାଏ କାମ କର । ସେ କାମଟା କରିଦେଲେ ତୋତେ ଭଲ ଗହୀର ଜମି ଦୁଇମାଣ ଚ଼ଷିବାକୁ ଦେବି; ଆଉ ଦୁଇ ଟଙ୍କା ଖଜା ଖାଇବାକୁ ଦେବି ।''

ସନା ପଚାରିଲା , ''କଣ କରିବି ?''

ମଙ୍ଗରାଜ କହିଲେ , ''ଏହି ଯେ ଭଗିଆ ତନ୍ତୀ ଅଛି - ତା ମାଇପ ହେଉଛି ସାରିଆ । ପୁଅ ହେବାପାଇଁ ସେ ପ୍ରତିଦିନ ବୁଢ଼ୀ ମଙ୍ଗଳାଙ୍କ ପାଖରେ ମୁଣ୍ଡିଆମାରେ । ତୁ ଯାଇ ତାକୁ କହିବୁ 'ଠାକୁରାଣୀ ସ୍ୱପ୍ନରେ କହିଛନ୍ତି, ତୁ ପୂଜା ଦେ । ଠାକୁରାଣୀ ଆପେ ତୋ ସାଙ୍ଗରେ କଥା କହିବେ । ଆଉ ତୋତେ ପୁଅ ଦେବେ' ।''

ସନା ଯାଇ ତାକୁ ବହୁତ ଥର ଏକଥା କହିଲା । ଭଗିଆ ଶେଷରେ ରାଜିହେଲା ।

ଦିନେ ଶନିବାର ରାତିରେ ମଙ୍ଗରାଜ, ଜଗା ବାରିକ, ସନା ଓ ଆଉ ଜଣେ ହଳିଆ ମଙ୍ଗଳାଙ୍କ ନିକଟକୁ ଗଲେ । ମଙ୍ଗରାଜଙ୍କ କହିବା ଅନୁସାରେ ଠାକୁରାଣୀଙ୍କ ଆସ୍ଥାନ ପଛ ପଟକୁ ତଳେ ବଡ଼ ଗାତଟିଏ ଖୋଳାଗଲା । ତା ଭିତରେ ଜଗା ଭଣ୍ଡାରୀ ଲୁଚି ରହିବା ଠିକ୍ ହେଲା । ଗାତ ମୁହଁକୁ ତାଳ ପତ୍ରରେ ଘୋଡ଼େଇ ଦିଆଗଲା ।

Digitized by srujanika@gmail.com

ସନା କହିବା ଅନୁସାରେ ଦିନେ ପୂଜା ପାଇଁ ସାରିଆ ଓ ଭଗିଆ ସକାଳୁ ଉପାସ ରହିଲେ । ଅଧରାତି ବେଳକୁ ଦୁହେଁ ଠାକୁରାଣୀଙ୍କ ପାଖକୁ ଆସି ଧାରଣା ଦେଲେ । ସନା ଠାକୁରାଣୀଙ୍କୁ ସେମାନଙ୍କ ପାଇଁ ପ୍ରାର୍ଥନା କଲା, "ମା ମଙ୍ଗଳା ! ସାରିଆକୁ ଆଗେ ବର ଦିଅ, ସେ ଅନେକ ଦିନ ହେଲା ତୁମର ସେବା କରୁଅଛି । ଅନେକ ଲୋକଙ୍କୁ ବରଦେଲଣି, ଏମାନଙ୍କୁ ବରଦିଅ ।"

Digitized by srujanika@gmail.com

ଜଗା ଭଣ୍ଡାରୀ ଗାଡ଼ ଭିତରୁ ଜବାବ ଦେଲା, "ଆଲୋ ସାରିଆ ! ତୁ ଅନେକ ଦିନ ହେଲା ମୋ ପୂଜା କରୁଛୁ । ପ୍ରତିଦିନ ଗାଧୋଇ ଯିବାବେଳେ ମୋତେ ଜୁହାର ହୋଇଯାଉ । ପାଣି ଢଳାଏ ଦେଉ । ମୁଁ ସେ ପାଣି ପିଏ । ତୋତେ ବର ଦେଉଛି । ତୋର ତିନିଗୋଟି ପୁତ୍ରହେବ । ଆଉ ତୋର ଢ଼େର ଟଙ୍କାସୁନା ହେବ । ତୁ ମୋ' ଦେଉଳ ତୋଳାଇ ଦେ । କାଲି ବଡ଼ି ସକାଳେ ଅଧୁଆ ମୁହଁରେ ଆସିବୁ, ମୋ ପୂଜା ମନ୍ଦାର ଫୁଲ ଯେଉଁଠାରେ ପଡ଼ିଥିବ, ତା ତଳ ଖୋଳିବୁ । ଯାହା ପାଇବୁ ଘରେନେଇ ରଖିବୁ, ପ୍ରତିଦିନ ପୂଜା କରିବୁ । ତୋତେ ସେହିପରି ଥଳି ଥଳି ଦେବି । ମୋ ଆଜ୍ଞା ନ ଶୁଣିଲେ ଭଗିଆ ବେକ ମୋଡ଼ିଦେବି ।"

ଭଗିଆ, ସାରିଆ ଠାକୁରାଣୀଙ୍କ ଆଜ୍ଞା ଶୁଣି ଭୟରେ ଥରୁଥାନ୍ତି । ସନା ସେମାନଙ୍କୁ ବୋଧ ଦେଇ ଘରେ ଛାଡ଼ି ଦେଇ ଆସିଲା । ତା ପରେ ସେ ଓ ଜଗା ମିଶି ମଙ୍ଗରାଜ ଦେଇଥିବା ଗୋଟିଏ ମୋହର ତୁଠ ପାଖରେ ପୋତି ଦେଇ ତା ଉପରେ ମନ୍ଦାର ଫୁଲଟିଏ ଥୋଇ ପଳେଇଗଲେ ।

ତା ଆରଦିନ ବଡ଼ି ସକାଳୁ ଭଗିଆ, ସାରିଆ ଅଧୁଆ ମୁହଁରେ ତୁଠକୁ ଯାଇ ଦେଖନ୍ତି, ଠାକୁରାଣୀଙ୍କ ପୂଜା ଫୁଲଟିଏ ପଡ଼ିଛି । ତାକୁ ଉଠେଇ ଦେଇ ଦେଖିଲେ ମୋହରଟିଏ । ଭଗିଆ,

Digitized by srujanika@gmail.com

ସାରିଆଙ୍କର ଆଉ କିଛି ସନ୍ଦେହ ରହିଲା ନାହିଁ ।

ଦିନେ ଅସୁରଦୀଘି ପୋଖରୀ ତୁଠକୁ ଗାଧୋଇ ଯିବା ବାଟରେ ଚମ୍ପା ସାରିଆକୁ ଭେଟି ଫୁସୁଲେଇଲା, ‘‘ଦେଖ ସାରିଆ, ବୁଢ଼ୀ ମଙ୍ଗଳା ସବୁର ମୂଳ । ତାଙ୍କ ଆଜ୍ଞାରେ ଦୁନିଆ ଚଳୁଛି, ସଂସାର ଆତଯାତ ହେଉଛି । ତମେ ମଙ୍ଗଳାଙ୍କ ଦେଉଳଟା ବନାଇ ଦିଅତ, ଦେଖିବ, ତମ ଘର ଲକ୍ଷ୍ମୀ ଭଣ୍ଡାର ହୋଇଯିବ ।’’

Digitized by srujanika@gmail.com

ସାରିଆ ତୁନି ହୋଇ ଅନେଇ ରହିଲା ଚମ୍ପା ସାଆନ୍ତାଣୀ ଆଡ଼େ ।

ଚମ୍ପା ପୁଣି ଫୁସୁଲେଇଲା —"ଟଙ୍କା ପାଇଁ ଚିନ୍ତା କରନା, ମଙ୍ଗଳାଙ୍କ ନାଁ ଶୁଣିଲେ ଟଙ୍କା କିଏ ନ ଦେବ ? ମଙ୍ଗରାଜଙ୍କ କାନରେ ପଡ଼ିଲେ ରାତି ଅଧରେ ଟଙ୍କା ଗଣିଦେବେ । ବେଶୀ ଟଙ୍କା ଲୋଡ଼ା ନାହିଁ । ତମ ଛ'ମାଣ ଆଠଗୁଣ୍ଠ ଜମି କଣ୍ଡ ଲେଖିଦେବ, ମୁଁ ଟଙ୍କା ଆଣି ଦେବି ।"

ସାରିଆ ସେମିତି ବଲବଲ ଅନେଇ ରହି ଶୁଣୁଥାଏ ।

ଚମ୍ପା ପୁଣି କହିଲା, "ଦେଖ ସାରିଆ, ଟଙ୍କାରେ କ'ଣ ଅଛି, ସୁନାରେ କ'ଣ ଅଛି ? ଟଙ୍କା ସୁନାରେ କେହି ସ୍ୱର୍ଗକୁ ଯାଏ ନାହିଁ । ମୂଳ କଥା ପିଲାଝିଲା । ଯେଉଁ ଘରେ ପିଲା ନାହିଁ, ସେ ଘର ତ ଦିନ ଦି ପହରେ ଅନ୍ଧାର ।"

ଏମିତି ମରମ କଥା ସବୁ କହି କପଟୀ ଚମ୍ପା ସାରିଆକୁ ବଶ କରିନେଲା । ସାରିଆ ଭଗିଆ ଦୁହେଁ ସନା ପାଖକୁ ଗଲେ । ତାକୁ ଏସବୁ କହିଲେ । ସନା କହିବା ଅନୁସାରେ ଭଗିଆ ତାର ଛ'ମାଣ ଆଠ ଗୁଣ୍ଠ ଜମିକୁ ମଙ୍ଗରାଜଙ୍କ ପାଖରେ ବନ୍ଧକ ରଖି ଟଙ୍କା ନେଲା ।

Digitized by srujanika@gmail.com

ମଙ୍ଗରାଜଙ୍କ ଜାଲରୁ କ'ଣ କିଏ ଖସି ପାରିବ ? ପୁଣି ଭଗିଆ ପରି ନିରୀହ ପ୍ରାଣୀ ! ଠିକ୍ ଛ'ମାସ ପରେ ମଙ୍ଗରାଜ ମକଦ୍ଦମା କରି ଭଗିଆର ଛ'ମାଣ ଆଠଗୁଣ୍ଠ ଜମିତକ ନିଜର କରିନେଲେ । ଆଉ ମକଦ୍ଦମା ଖର୍ଚ୍ଚ ବାବଦକୁ ଭଗିଆର ଘରଡ଼ିହ ନିଲାମ ହେଲା । ତାକୁ ମଙ୍ଗରାଜ ନିଜେ କିଣିନେଲେ । ତାଙ୍କ କହିବାରେ ହଳିଆମାନେ ଆସି ଭଗିଆ ଘରକୁ ଭାଙ୍ଗିଦେଇ ତାର ସବୁ ଜିନିଷ ଉଆସକୁ ବୋହିନେଇଗଲେ । ନେତ ଉପରେ ତ ସେମାନଙ୍କର ଆଗରୁ ଦୃଷ୍ଟି ଥିଲା; ଏଇ ସୁଯୋଗରେ ତାକୁ ମଧ୍ୟ ବାନ୍ଧି ନେଲେ ।

ଜମି, ଘର ପୁଣି ନେତକୁ ହରେଇ ଭଗିଆ ପୂରା ପାଗଳ ହୋଇଗଲା । ସାରିଆ ମନ ଦୁଃଖରେ ଭାଙ୍ଗି ପଡ଼ିଲା । ସେ ମଙ୍ଗରାଜଙ୍କ ବାଡ଼ିପଟରେ ସବୁବେଳେ ବୁଲୁଥିଲା । ନ ଖାଇ ନ ପିଇ ଖାଲି କାନ୍ଦୁଥିଲା ।

ମଙ୍ଗରାଜଙ୍କ ସ୍ତ୍ରୀ, ସାଆନ୍ତାଣୀ ଏ ସବୁ ଅଧର୍ମ ଦେଖି ସହିପାରୁ ନଥିଲେ । କେତେଥର ସ୍ୱାମୀଙ୍କୁ ନେହୁରା ହୋଇ କହିଥିଲେ– "ଭଗିଆର ଜମିକୁ ଫେରାଇଦିଅ ।" ମାତ୍ର ତାଙ୍କ କଥା ଶୁଣୁଛି କିଏ ? ସ୍ୱାମୀଙ୍କର ଏଇ ସବୁ ଅନ୍ୟାୟ, ଅଧର୍ମ ଦେଖି ଦେଖି ସାଆନ୍ତାଣୀଙ୍କ ମନ ବିଲ୍‌କୁଲ୍ ଖରାପ ହୋଇଗଲା, ଦେହ ମଧ୍ୟ ଆସ୍ତେ ଆସ୍ତେ ଖରାପ ହେବାକୁ ଲାଗିଲା ।

Digitized by srujanika@gmail.com

(୩)

ଗୋବିନ୍ଦପୁରଠାରୁ ପ୍ରାୟ ଚାରିମାଇଲ ଦୂରରେ ହେଉଛି ରତନପୁର ଗ୍ରାମ । ସେଠି ରହୁଥିଲେ ବାଘ ସିଂହ ନାମରେ ଗୋଟିଏ ପୁରୁଣା ପାଇକ ପରିବାର । ମଙ୍ଗରାଜଙ୍କର ବାଘସିଂହ ପରିବାର ସହ ବହୁଦିନରୁ ଶତ୍ରୁତା ଥିଲା । ବାଘସିଂହ ଭାଇମାନଙ୍କର ନିଜ ଠେଙ୍ଗା ଉପରେ ହିଁ ବିଶ୍ୱାସ ଥିଲା । ଏଥିପାଇଁ କପଟୀ ମଙ୍ଗରାଜ ଯେତେ ରାଗିଲେ ବି ବାଘସିଂହ ଭାଇମାନଙ୍କୁ ଭାରି ଡରୁଥିଲେ ।

ଗୋବିନ୍ଦପୁର ଓ ରତନପୁର ଗାଁର ବିଲଗୁଡ଼ିକ ପାଖାପାଖି । ମଙ୍ଗରାଜଙ୍କର ଗୋରୁ ସବୁବେଳେ ରତନପୁର ଗାଁ ଲୋକଙ୍କ ବିଲରେ ପଶି ଫସଲ ଖାଇଯାଉଥିଲେ । ଦିନେ ମଙ୍ଗରାଜଙ୍କ ଗୋରୁ ବାଘସିଂହଙ୍କ ଜମିର ଫସଲ ନଷ୍ଟ କରିଦେଲା । ବାଘସିଂହ ବଂଶର ସବା ସାନ ଭାଇ ବଳରାମ ମଲ୍ଲ ମଙ୍ଗରାଜଙ୍କୁ ସମସ୍ତଙ୍କ ସାମନାରେ ଗାଳି ଦେଇଥିଲେ । ମଙ୍ଗରାଜ ବାଘସିଂହ ଭାଇମାନଙ୍କର ଠେଙ୍ଗା ଡରରେ ସିନା ପାଟି ଫିଟାଇଲେ ନାହିଁ; କିନ୍ତୁ କେମିତି ଅହନ୍ତା ସାଧିବେ ସେହି କଥା ମନଭିତରେ ପାଞ୍ଚୁ ହେଉଥିଲେ ।

ଆଗରୁ ବାଘସିଂହ ଉଆସରେ ଡମମାନେ ପହରା ଦେଉଥିଲେ । ଏ ଡମମାନେ ବି କିଛି କମ୍ ନଥିଲେ । ମଙ୍ଗରାଜଙ୍କର

Digitized by srujanika@gmail.com

ଏ ଓମମାନଙ୍କ ଉପରେ ରାଗ ଥିଲା । କିନ୍ତୁ ବଳରେ ତ ସେମାନଙ୍କୁ ପାରି ହେବନାହିଁ । ସେ ନାନା ଫିକର କଲେ । ଥାନା ଦାରୋଗାଙ୍କୁ ଲାଞ୍ଚ ଦେଲେ । ଲୋଭ ଦେଖାଇଲେ । ସେ ମିଛ ଚୋରି ମକଦ୍ଦମାରେ ଓମମାନଙ୍କୁ ଜେଲ୍ ପଠାଇଦେଲେ ।

ବାଘସିଂହ ପରିବାର ଉପରେ ଅସଲି ଆକ୍ରୋଶ ସାଧିବା ଥିଲା ମଙ୍ଗରାଜଙ୍କର ଇଚ୍ଛା । ତା ନ ହେଲେ ତାଙ୍କ ମନ ଓରିମାନ ମେଣ୍ଟିବ କିପରି ? ଚମ୍ପା ହିଁ ଏ କାମକୁ ପାରିବ । ଦୁହେଁ ଏଥିପାଇଁ ଲାଗିପଡ଼ିଲେ ।

ସ୍ନାନପୂର୍ଣ୍ଣମୀ ଦିନ ଓପରି ଓଳି । ଖରା ଟାଇଁ ଟାଇଁ ଚାବୁକ ମାରିଲା ପରି ଲାଗୁଥାଏ । ରତନପୁର ଗାଁର ରାସ୍ତା ଶୂନ୍‌ଶାନ । ବାଘସିଂହ ଭାଇମାନେ ଘରେ ନାହାନ୍ତି । କେନ୍ଦ୍ରାପଡ଼ା ଯାଇଛନ୍ତି ବଳଦେବଜୀଉଙ୍କ ସ୍ନାନ ଯାତ୍ରା ଦେଖିବା ପାଇଁ । ଘରେ ଖାଲି ସ୍ତ୍ରୀ ଲୋକ ।

ଏତିକିବେଳେ ସବାରିଟିଏ ବାଘସିଂହଙ୍କ ଉଆସ ଅଗଣାରେ ଲାଗିଲା । । ପଛରେ ପାଞ୍ଚ ଭାର - ପାଚିଲା ଆମ୍ବ, ଖଜା, ପଣସ, ପାଚିଲା ଓ କଞ୍ଚା କଦଳୀ; ଏମିତି କେତେ କ'ଣ ଜିନିଷ । ଖବର ଗଲା ଉଆସ ଭିତରକୁ । ବାଘସିଂହଙ୍କର ପୁଅ ଚନ୍ଦ୍ରମଣି ଯିଏ ଡ଼ାଳିଯୋଡ଼ାରେ ଗଲା ମକର ମାସରେ ବିବାହ କରିଥିଲେ, ସେଇଠୁ ବୋହୂଙ୍କ ମାଉସୀ ଆସିଛନ୍ତି ।

Digitized by srujanika@gmail.com

ସାଙ୍ଗେ ସାଙ୍ଗେ ବୋହୂ-ମାଉସୀଙ୍କୁ ସଙ୍ଖୁଳିବାରେ ଅନ୍ୟମାନେ ଲାଗିଗଲେ । ଗାଁ ସାରା ସ୍ତ୍ରୀ ଲୋକ ଏ ନୂଆ କୁଣିଆ କିଏ ଆସିଛନ୍ତି ତାହା ଦେଖିବା ପାଇଁ ଜମା ହେଲେ । ବୋହୂ-ମାଉସୀ ସବୁ ସମ୍ବନ୍ଧୁଣୀଙ୍କୁ ଆଦର କରି କେତେ କଥା କହିଲେ । ଝିଆରୀ ଆସିଲା କ୍ଷଣି ତାକୁ ଧରି କେତେ କାନ୍ଦିଲେ, କେତେ ଗେଲ କଲେ ।

ବିଚରା ନୂଆ ବୋହୂଟି କିନ୍ତୁ ଏ ମାଉସୀଙ୍କୁ ଚିହ୍ନିପାରୁ ନ ଥିଲା । ହାତେ ଲମ୍ବର ଓଢ଼ଣା ଭିତରୁ ସେ ମାଉସୀଙ୍କୁ ଦେଖି ବି

Digitized by srujanika@gmail.com

ପାରୁ ନଥିଲା । ଯେତେବେଳେ ମାଉସୀ ଏତେ କରି ଆଦର କଲେ, ନୂଆ ବୋହୂଟି ଓଢ଼ଣା ଟିକିଏ ଟେକିଦେଇ ମାଉସୀକୁ ଦେଖିବାକୁ ଚେଷ୍ଟା କଲା । ମାତ୍ର ହୁସିଆର ମାଉସୀ ସାଙ୍ଗେ ସାଙ୍ଗେ ଝିଆରୀର ମନୋଭାବ ବୁଝିପାରିଲେ । ତା ଓଢ଼ଣାଟିକୁ ଆଉ ଟିକିଏ ତଳକୁ ଟାଣିଦେଇ କହିଲେ — "ଆରେ ମୋ ଲାଜକୁଳି ବଦନରେ, ତୋତେ କିଏ ଲାଜ ଶିଖାଇବରେ ! ସମୁନ୍ଧୁଣୀ କ'ଣ କହିବି ? ଏହା ମାଆର ଏପରି ଲାଜ ଥିଲା, ବୁଢ଼ୀ ହୋଇ ମଲା, ଶାଶୁମାନଙ୍କ ଆଗରେ ଆଖି ଫିଟାଇ ଚାହିଁ ନାହିଁ । ଓଢ଼ଣା ଟେକିନାହିଁ । ତିରିଲା ଝିଅ ହୋଇ ଯେବେ ଲାଜ ନ ହେଲା, ଧିକ୍ ତା ଜୀବନ ।"

ବାସ୍ ଏତିକି ଶୁଣିଲା ପରେ ନୂଆ ବୋହୂ ଆଉ ଟିକିଏ ଓଢ଼ଣା ଟାଣି ଦେଇ ବସିଲା । ଭାବିଲା, ଟାଙ୍ଗୀରେ ତା' ମା'ର କିଏ ଖୁଡ଼ୁତା ଝିଅ ଭଉଣୀ ଥିଲା । ଏ ବୋଧେ ସେଇ ଟାଙ୍ଗୀ ମାଉସୀ ।

ଏମିତି କେତେ ସମୟ ଗପସପ, ଗେଲ ଆଦର ପରେ ବୋହୂ-ମାଉସୀ ଶୌଚ ପାଇଁ ବାଡ଼ିଆଡ଼କୁ ଗଲେ । ଶୌଚ ସାରି ଶୀଘ୍ର ଶୀଘ୍ର ବୋହୂ-ମାଉସୀ ବିଦା ହୋଇଗଲେ । ଅନ୍ଧାର ପଡ଼ିଆସିଲାଣି, ବହୁ ଦୂର ଯିବାକୁ ହେବ ।

Digitized by srujanika@gmail.com

ବୋହୂ-ମାଉସୀ ଗଲା ପରେ ଭାର ସବୁ ସଜେଇ କରି ରଖି ଦିଆଗଲା ଉଆସରେ । ଯାତ୍ରାରୁ ସାଆନ୍ତମାନେ ଫେରିଲେ ତାକୁ ଦେଖିବେ । ତା ପରେ ସେଠି ରୁଣ୍ଡ ହୋଇଥିବା ସ୍ତ୍ରୀମାନଙ୍କ ଭିତରେ ବୋହୂମାଉସୀର ରୂପଗୁଣ ବିଷୟରେ ଆଲୋଚନା ଚାଲିଲା ।

ବୋହୂ-ମାଉସୀ ଯିବାର ବେଶୀ କିଛି ସମୟ ହୋଇନାହିଁ, ହଠାତ୍ ପଛ ପାଳଗଦା ଆଡୁ ନିଆଁ ଉଠିଲା । ଅଧରାତି ବେଳକୁ ବାଘ ସିଂହ ଉଆସକୁ ପାଉଁଶ କରିଦେଲା । ଲୋକେ ପାଣି ପକେଇଲେ । ଯେତେ ଚେଷ୍ଟା କଲେ ବି ନିଆଁ ମୁହଁରୁ କିଛି ବଞ୍ଚିଲାନି ।

ଗାଁ ଲୋକେ କଥାବାର୍ତ୍ତା ହେଲେ ନିଆଁ କିଏ ଲଗାଇଲା । କିଏ କହିଲା, ''ହିଙ୍ଗୁଳା ଠାକୁରାଣୀଙ୍କ କର୍ମ ।'' ଆଉ କିଏ କହିଲା, ''ଏ ବୁଢ଼ୀ ମଙ୍ଗଳାଙ୍କ କୋପ ।'' ଆଉ ବି କେତେ କହିଲେ, ''ଏ ପିଶାଚୀର କାର୍ଯ୍ୟ ।''

କିନ୍ତୁ କିଏ ବା ଜାଣିଥିଲା, ମଙ୍ଗରାଜଙ୍କ ଘର ଚମ୍ପା ସେ ପିଶାଚୀ ହୋଇ ଆସିଥିଲା, ବାଘ ସିଂହ ଉଆସକୁ ପାଉଁଶ କରିଦେବାକୁ !

Digitized by srujanika@gmail.com

(୪)

ବାଘ ସିଂହଙ୍କ ଏ ଦୁର୍ଦ୍ଦଶାରେ ମଙ୍ଗରାଜ ଓ ଚମ୍ପାଙ୍କ ଆନନ୍ଦ କହିଲେ ନ ସରେ । ସାଆନ୍ତାଣୀ ଜାଣିଲେ ସେମାନେ ବାଘ ସିଂହ ଉଆସରେ ନିଆଁ ଲଗେଇଦେଇଛନ୍ତି । ପୂର୍ବରୁ ତ ମଙ୍ଗରାଜଙ୍କ ମନ୍ଦ କର୍ମ ଶୁଣି ଶୁଣି ତାଙ୍କର ମନ ଭୀଷଣ ଦୁଃଖ ଥିଲା; ଏବେ ବାଘ ସିଂହ ଘର ପୋଡ଼ି କଥା ଶୁଣି ତାଙ୍କର ମନଦୁଃଖ ଏବଂ ବେମାରି ବଢ଼ିଗଲା । କିଛିଦିନ ପରେ ସେହି ଦୁଃଖରେ ସନ୍ତୁଳି ହୋଇ ସେ ମରିଗଲେ ।

ସାଆନ୍ତାଣୀଙ୍କ ମୃତ୍ୟୁ ପରେ ପରେ ମଙ୍ଗରାଜଙ୍କ ପାଇଁ ଦୁର୍ଯୋଗ ମାଡ଼ିଆସିଲା । କେଉଁ ଦିନରୁ ଭଗିଆ ତ ପାଗଳ ହୋଇ ବୁଲୁଥାଏ । ସାରିଆ ନଖାଇ, ନପିଇ ବାରିଆଡ଼େ ସବୁବେଳେ ବସିଥାଏ, କାନ୍ଦୁଥାଏ । ଆଉ କେଉଁଆଡ଼େ ଯାଉ ନ ଥାଏ ।

ଏମିତି ଦୁଃଖ, ଅନାହାରରେ କାନ୍ଦି କାନ୍ଦି ସାରିଆର ଦିନ ଯାଉଥିଲା । ହଠାତ୍ ଦିନେ ତାର ମଲା ଦେହଟା ମଙ୍ଗରାଜଙ୍କ ବାରି ପଛ ପଟେ ପଡ଼ିଥିବାର ଦେଖାଗଲା । ଗାଁର ଚୌକିଦାର ଗୋବରା ଜେନା, ଆଗରୁ ବହୁଥର ମଙ୍ଗରାଜଙ୍କ କୁକର୍ମର ସାଥୀ ହୋଇଥିଲା । ଏବେ ସିଏ ଯାଇ ମଙ୍ଗରାଜ ସାରିଆକୁ ଠେଙ୍ଗାରେ ବାଡ଼େଇ ଖୁନ୍ କରିଥିବା ବିଷୟ ଥାନାରେ ରିପୋର୍ଟ କଲା ।

Digitized by srujanika@gmail.com

ପୋଲିସ୍ ଦାରୋଗା ସଦଳବଳେ ଆସି ଆସାମୀ ରାମଚନ୍ଦ୍ର ମଙ୍ଗରାଜଙ୍କୁ ଗିରଫ କଲେ । ଯେଉଁ ଠେଙ୍ଗାରେ ସେ ମାରିଥିବାର ଅଭିଯୋଗ ହୋଇଥିଲା ତାକୁ ମଧ୍ୟ ଜବତ୍ କଲେ । ଗାଁର ବହୁଲୋକଙ୍କଠାରୁ ସାକ୍ଷୀ ନେଲେ । ମଙ୍ଗରାଜ ଆଗରୁ ରତନପୁର ଡମମାନଙ୍କୁ ଜେଲ ପଠାଇବା ପାଇଁ ଏହି ଦାରୋଗାଙ୍କୁ ହଜାରେ ଟଙ୍କା ଲାଞ୍ଚ ଦେବା ..ାଇଁ ଜବାବ ଦେଇଥିଲେ । ମାତ୍ର ପରେ ସେ ଫାଙ୍କି ଦେଇଥିଲେ । ଏଥି ପାଇଁ ଦାରୋଗାଙ୍କର ମଙ୍ଗରାଜଙ୍କ ଉପରେ ପୁରୁଣା ରାଗ ଥିଲା । ବର୍ତ୍ତମାନ ସୁଯୋଗ ମିଳିଗଲା । ସେ ମଙ୍ଗରାଜଙ୍କୁ ସାରିଆର ଖୁନ୍ ଓ ତା ଘରୁ ନେତ ଗାଈ ଚୋରୀକରି ଘେନି ଆସିବା ଅଭିଯୋଗରେ ଗିରଫ କଲେ । କଚେରୀକୁ ମକଦ୍ଦମା ପଠାଇ ଦେଲେ ।

ହାତରେ ହାତକଡ଼ା ପିନ୍ଧି ମଙ୍ଗରାଜ ହାଜତକୁ ଚାଲାଣ ହେଲେ । ମୁଣ୍ଡ ପୋତି ସେ ଗାଁ ରାସ୍ତାରେ ଚୌକିଆ, ସିପାହୀଙ୍କ ଘେରରେ ଗଲାବେଳେ ଗାଁ ଲୋକେ ଅବାକ୍ ହୋଇ ଚାହିଁ ରହିଥିଲେ ।

ପୋଲିସ୍ ମଙ୍ଗରାଜଙ୍କୁ ନେଇ ଗଲାବେଳେ ଚମ୍ପା ପଛେ ପଛେ ଦୌଡୁଥିଲା । କାନ୍ଦି କାନ୍ଦି ଡକା ପାରି କହୁଥିଲା – "ମୋ ସାଆନ୍ତ, ମୋ ସାଆନ୍ତକୁ କାହିଁ ଘେନି ଯାଉଛ ?" ସାଆନ୍ତେ,

Digitized by srujanika@gmail.com

ଦାରୋଗା, ମୁନ୍‌ସୀ ତାକୁ ମନା କରୁଥାନ୍ତି । ଯେତେ ମନା କଲେ ବି ସେ ସେମିତି କାନ୍ଦି କାନ୍ଦି ପଛେ ପଛେ ଦଉଡୁଥିଲା । କିଛି ବାଟ ଗଲାପରେ ଚମ୍ପା ପୁଣି କାନ୍ଦି କାନ୍ଦି ଶୁଣେଇଲା, ''ଗନ୍ତାଘର ଜିନିଷଗୁଡ଼ିକ ଉଇ ଧରି ଯିବେ, ମୂଷା ଖାଇ ଯିବେ ।''

ମଙ୍ଗରାଜ ଟିକେ ରହିଗଲେ । କଣ ଭାବି ଗନ୍ତାଘର ଚାବି ଦୁଇଟି ଚମ୍ପା ହାତକୁ ବଢ଼େଇ ଦେଇ କହିଲେ, ''ସବୁ ସାବଧାନରେ ରଖିବୁ ।''

Digitized by srujanika@gmail.com

ଚମ୍ପା ଚାବି ନେଇ ଫେରିଲା । ସାଥିରେ ଗୋବିନ୍ଦା ଭଣ୍ଡାରି ଥିଲା । ଦୁଇ ଜଣ ଯାକ ଖୁସି ମନରେ ଫେରିଲେ ।

(୫)

ଏଣେ ହାଜତରେ ରହି ମଙ୍ଗରାଜ କଣ କରିବେ କିଛି ଭାବି ପାରୁ ନ ଥିଲେ । ତାଙ୍କର ଆଉ ସାହା ଭରସା କେହି ନ ଥିଲେ । ଏ ମକଦ୍ଦମାରୁ କିପରି ରକ୍ଷା ପାଇବେ, ତାଙ୍କୁ ବାଟ ଦିଶୁ ନ ଥିଲା ।

ଏତିକିବେଳେ ହିଁ ଓକିଲ ରାମ ରାମ ଲାଲା ଦେବଦୂତ ପରି ତାଙ୍କ ପାଖେ ପହଞ୍ଚିଗଲେ । ସାହସ ଦେଇ କହିଲେ, କିଛି ବ୍ୟସ୍ତ ହେବାର ନାହିଁ । ଜଜ୍ ତାଙ୍କର ପରିଚିତ । ହେଲେ, ଏ ମକଦ୍ଦମା ଭାରି କଠିନ । ଖୁନ୍ ମକଦ୍ଦମା, ଫାଶୀ ହୋଇଯାଇପାରେ । ଭାରି ପଇସା ଖର୍ଚ୍ଚ ହେବ; ପଇସାକୁ ଡରିଲେ କିଛି ହେବ ନାହିଁ ।

ମାତ୍ର ମଙ୍ଗରାଜ ପଇସା ଆଣିବେ କେଉଁଠୁ ? କହିଲେ, ''ଆଜ୍ଞା, ମୋତେ ଖଲାସ କରି ଦିଅନ୍ତୁ, ଘରକୁ ଗଲେ, ହଜାରେ ଟଙ୍କା ଆପଣଙ୍କୁ ଦେବି ।''

ଓକିଲ ରାମ ରାମ ଲାଲା ଆହୁରି ଚତୁର ଥିଲେ । ସେ କହିଲେ, ''ମଙ୍ଗରାଜେ ! ଇଏ ସହଜ କଥା ନୁହେଁ । ବରକନ୍ଦାଜଠାରୁ ହାକିମ ପର୍ଯ୍ୟନ୍ତ ସମସ୍ତଙ୍କୁ ହାତ କରିବାକୁ

Digitized by srujanika@gmail.com

ହେବ । ଆଚ୍ଛା । ଏହି ମାମଲାରେ ଯେଉଁ ଟଙ୍କା ଖରଚ ହେବ, ମୁଁ ଖରଚ କରୁଛି । ଆପଣଙ୍କର ଜମିଦାରୀ ମୋତେ କଣ୍ଟ-କବଲା ଲେଖି ଦିଅନ୍ତୁ । ଆପଣ ଖଲାସ ହେଲେ ମୁଁ ଟିକିନିଖି ହିସାବ ବୁଝାଇ ଦେବି ।''

ମଙ୍ଗରାଜ ଘଟଣାର ମର୍ମକୁ ଠିକ୍ ବୁଝି ପାରୁଥିଲେ । ମାତ୍ର ଆଉ ଉପାୟ ନ ଥିଲା । ବାଧ ହୋଇ ଫତେପୁର ସରଷଣ୍ଡ ଜମିଦାରୀ ଓକିଲ ସାହେବଙ୍କ ପାଖରେ ବନ୍ଧା ପକେଇଲେ ।

ପାଞ୍ଚଦିନ ଧରି କଟକ ସେସନ୍ସ କୋର୍ଟରେ ମକଦ୍ଦମା ଚାଲିଲା । ଡ଼ାକ୍ତରୀ ମାଇନା ଏବଂ ଅନ୍ୟ ସବୁ ବିବରଣୀକୁ ଭଲ ଭାବରେ ତର୍ଜମା କରାଗଲା । ଏହା ପରେ ଇଂରେଜ ଜଜ୍ ରାୟ ଦେଲେ, ''ଆସାମୀ ରାମଚନ୍ଦ୍ର ମଙ୍ଗରାଜଙ୍କୁ ନରହତ୍ୟା ଅପରାଧରୁ ମୁକ୍ତି ଦିଆଯାଉ । ନେତ ନାମକ ଗାଈକୁ ଆତ୍ମସାତ୍ କରିଥିବା ଅପରାଧରେ ଏହାଙ୍କୁ କଠିନ ପରିଶ୍ରମ ସହିତ ଛ'ମାସ କାରାଦଣ୍ଡ ଏବଂ ପାଞ୍ଚଶତ ଟଙ୍କା ଜୋରିମାନା କରାଯାଉ । ଜୋରିମାନା ଅସୁଲ ନ ହେଲେ ଅଧିକ ତିନିମାସ ଜେଲରେ ରଖାଯାଉ ।''

ରାୟ ବାହାରିଲା ପରେ ଆସାମୀ ରାମଚନ୍ଦ୍ର ମଙ୍ଗରାଜଙ୍କୁ ଜେଲକୁ ପଠେଇ ଦିଆଗଲା । ମିଛରେ ଖୁନ୍ ମକଦ୍ଦମା ଆଣିଥିବା

Digitized by srujanika@gmail.com

ଅଭିଯୋଗରେ ଚୌକିଦାର ଗୌବରା ଜେନାକୁ ମଧ୍ୟ ଜେଲ ଯିବାକୁ ପଡ଼ିଲା ।

ମଙ୍ଗରାଜ ଏଣେ କଟକରେ ଗିରଫ ହୋଇ ଥିଲାବେଳେ ଚମ୍ପା ଓ ଗୋବିନ୍ଦା ଭଣ୍ଡାରୀଙ୍କୁ ସୁଯୋଗ ମିଳିଗଲା । ଦୁହେଁ ସଲାସୁତରା ହେଲେ । ଦିନେ ମଙ୍ଗରାଜଙ୍କ ଗନ୍ତାଘରୁ ସବୁ ସୁନା, ରୂପା, ଟଙ୍କା ଚୋରୀ କରି ନେଇ ଦୁହେଁ ପଳାଇଗଲେ । ଯାଉ ଯାଉ ରାତି ହୋଇଯିବାରୁ ବିରୂପା ନଈ କୂଳ ଗୋପାଳପୁର ଘାଟରେ ପହଞ୍ଚିଲେ । ସେଠି ଥିଲା ଗୋପୀ ସାହୁର ଦୋକାନ । ଦୋକାନ ମେଲା ଘରେ ରାତିଟି କଟେଇବା ପାଇଁ ଠିକ୍ କଲେ ।

ସେଇଠି ଦୁହିଁଙ୍କ ମଧ୍ୟରେ ସେଇ ଚୋରିମାଲର ଭାଗ ବଣ୍ଟାବଣ୍ଟି ଚାଲିଲା । ଏହାକୁ ନେଇ ଦୁଇଜଣଙ୍କ ଭିତରେ କଜିଆ ଲାଗିଲା । ଚମ୍ପା ଭାବିଥିଲା, ଗୋବିନ୍ଦାକୁ କିଛି ନ ଦେଇ ସବୁ ଜିନିଷ ସେ ମାରିନେବ । ଗୋବିନ୍ଦା ଏକଥା ସନ୍ଦେହ କଲା । ଚମ୍ପା ଶୋଇଥିଲାବେଳେ ତାର ବେକ କାଟି ଦେଇ ସବୁ ଜିନିଷ ନେଇ ପଳେଇଲା ।

ସେଇ ରାତିରେ ଗୋବିନ୍ଦା ନାଉରିଆକୁ ଡ଼ାକି ତା ନାଆରେ ବିରୂପା ପାରି ହେବାକୁ ବସିଥିଲା । କ୍ରମେ ଭୋର ହୋଇ ଆସିଲା । ନାଉରିଆ ଗୋବିନ୍ଦାର ରକ୍ତ ଜୁଡୁବୁଡୁ ଲୁଗାପଟା ଦେଖି ଚିତ୍କାର କଲା । ଧରାପଡ଼ିଯିବା ଡ଼ରରେ ଗୋବିନ୍ଦା ଆଉ

Digitized by srujanika@gmail.com



କିଛି ଉପାୟ ନପାଇ ତା ଗଣ୍ଡିଲି ସହ ନଈକୁ ଡ଼େଇଁପଡ଼ିଲା । ସାଙ୍ଗେ ସାଙ୍ଗେ କେଉଁଠୁ ଥିଲା, ଗୋଟିଏ ଗୋମୁହାଁ କୁମ୍ଭୀର ଚମକି ଆସିଲା । ଗୋବିନ୍ଦାକୁ ଧରିନେଇ ପାଣି ଭିତରେ କୁଆଡ଼େ ଉଭେଇ ଗଲା ।

ଏଣେ ମଙ୍ଗରାଜ ଜେଲରେ ଖଟି ଖଟି ଖଲାସ ହେବାର ଦିନ ଗଣୁଥିଲେ । ଜଜ୍ ସାହେବ ତାଙ୍କୁ ଯେଉଁ ଟଙ୍କା ଜରିମନା କରିଥିଲେ, ତାହା ଅସୁଲ ପାଇଁ ଦିନେ ପୁଲିସ ଜମାଦାର ଆସିଲେ । ମଙ୍ଗରାଜ ଉଆସ ନିଲାମ ହୋଇଗଲା ।

Digitized by srujanika@gmail.com

ମଙ୍ଗରାଜଙ୍କର ଚାକର, ହଳିଆ ବହୁଦିନ ଧରି ବେତନ ପାଇନଥିଲେ । ଏଇ ସୁଯୋଗରେ ସେମାନେ ଯାହାପାଇଲେ ଗାଈ, ବଳଦ, ଧାନ, ଚାଉଳ, ନଡ଼ିଆ ସବୁ ନେଇ ଗଲେ । ସେତିକିବେଳେ ବି ଶୁଣାଗଲାଯେ କଟକର ଓକିଲ ରାମ ରାମ ଲାଲା ମକଦ୍ଦମା କରି ମଙ୍ଗରାଜଙ୍କ ଜମିଦାରୀ ନିଜ ହାତକୁ ନେଇଗଲେ ।

ଏଣେ ଜେଲରେ ମଙ୍ଗରାଜଙ୍କ ଅବସ୍ଥା ଦିନକୁ ଦିନ ଆହୁରି ଶୋଚନୀୟ ହେବାକୁ ଲାଗିଲା । ତାଙ୍କର ଦୁର୍ଭାଗ୍ୟକୁ ସେହି ଜେଲରେ ରତନପୁରର ଡମମାନେ ବି ଥିଲେ । ମଙ୍ଗରାଜଙ୍କୁ ତ ସେମାନେ ଛିଗୁଲେଇ କହୁଥିଲେ । ଘଣା ପେଲିବା ସମୟରେ ଗୋଇଠାଟାଏ ବା ଖୁନ୍ଦାଟାଏ ବି ଦେଉଥିଲେ ।

ମଙ୍ଗରାଜ ସବୁ ସହିଯାଉଥିଲେ । ସବୁ ତ ଆପଣା କର୍ମର ଫଳ । କ'ଣ ବା କରିବେ ! ମାତ୍ର ଆସ୍ତେ ଆସ୍ତେ ତାଙ୍କର ଅବସ୍ଥା ଅତି ଅସହ୍ୟ ହୋଇ ପଡ଼ୁଥିଲା ।

ସେଇ ଜେଲରେ ପାଗଳ ଭଗିଆ ବି ରହୁଥିଲା । ସାରିଆ ମଲାପରେ ଭଗିଆ ପୂରା ପାଗଳ ହୋଇଯାଇଥିଲା । ସେ ପାଗଳାମୀ କରୁଥିଲା । ତାର ଯତ୍ନ ନେବା ପାଇଁ କେହି ନଥିଲେ । ଏଣୁ ତାକୁ ଜେଲକୁ ପଠାଯାଇଥିଲା । ଜେଲରେ ସେ ରାତିଯାକ ଶୁଏ ନାହିଁ । 'ମୋ ସାରିଆ, ମୋ ଛ'ମାଣ ଆଠ ଗୁଣ୍ଠ' କହି ନାଚେ, କାନ୍ଦେ, ମଙ୍ଗରାଜଙ୍କୁ ଦେଖିଲେ କାମୁଡ଼ିବାକୁ ଗୋଡ଼ାଏ ।

Digitized by srujanika@gmail.com

ସିପାହୀମାନେ ଜଗିଥାଆନ୍ତି । ମାତ୍ର ଦିନେ ହଠାତ୍ ଜଗୁଆଳି ନଥିବା ବେଳେ ଭଗିଆ ଦୌଡ଼ିଆସି ମଙ୍ଗରାଜଙ୍କ ନାକ କାମୁଡ଼ି ଦେଲା ।

ଏହାର ଚାରିଦିନ ପରେ ଦିନେ ରାତିରେ ଗୋଟିଏ ବଖରାରେ ରତନପୁର ଗାଁର ସେ ଛଅ ଜଣ ଡମ, ଗୋବରା ଜେନା ଏବଂ ମଙ୍ଗରାଜଙ୍କୁ ରହିବାକୁ ହେଲା ।

ଡମମାନଙ୍କ ପାଇଁ ଏ ଥିଲା ଅପୂର୍ବ ସୁଯୋଗ । ଗୋବରା ଜେନା ସହାୟତାରେ ଏଇ ମଙ୍ଗରାଜ ସେମାନଙ୍କୁ ମିଛ ଚୋରି ମକଦ୍ଦମାରେ ଜେଲ ପଠାଇଛି । ଛ'ଜଣ ଡ଼ମ ମିଶି ଗୋବରା ଏବଂ ମଙ୍ଗରାଜଙ୍କୁ ନିସ୍ତୁକ ମାଡ଼ ଦେଲେ । ରାତିର ଅନ୍ଧାରରେ ଏସବୁକୁ ଦେଖିବାକୁ ସେଠାରେ କେହି ନଥିଲେ ।

ସକାଳୁ ଦେଖାଗଲା ଗୋବରା ଜେନାର ଲାସ୍ ପଡ଼ିଛି । ମଙ୍ଗରାଜଙ୍କ ଦେହର ସର୍ବାଙ୍ଗ ଫୁଲି ଯାଇଛି । ନାକଦଣ୍ଡା ଫାଟିଯାଇ ରକ୍ତ ବୋହୁଛି, ରକ୍ତ ବାନ୍ତି ହେଉଛି ।

ଗୋବରା ତ ମରିଯାଇଥିଲା । ମଙ୍ଗରାଜଙ୍କର କଥା କହିବାକୁ ବଳ ନଥିଲା । ଡମମାନେ ସାକ୍ଷୀ ଦେଲେ - 'ଏ ଦୁଇଜଣଯାକ କଏଦୀ ପରସ୍ପର ବାଡ଼ିଆ ବାଡ଼େଇ ହୋଇ ଏମିତି ହୋଇଛନ୍ତି ।'

ମଙ୍ଗରାଜଙ୍କ ଅବସ୍ଥା ଦେଖି ଡ଼ାକ୍ତର କହିଲେ ରୋଗୀର ବଞ୍ଚିବାର ସମ୍ଭାବନା ବହୁତ କମ୍ । ତା ପରିବାର ଚାହିଁଲେ ତାକୁ ଚିକିତ୍ସା ପାଇଁ ଘରକୁ ନେଇ ପାରନ୍ତି ।

Digitized by srujanika@gmail.com

ଏ ଖବର ମଙ୍ଗରାଜଙ୍କ ପୁଅମାନଙ୍କ ପାଖରେ ପହଞ୍ଚିଲା । ସେମାନେଙ୍କ ପାଖରେ ତ ଆଉ କିଛି ଧନ, ସଂପତ୍ତି ନାହିଁ । ସେମାନେ କାହିଁକି ଏ ବୋଝ ମୁଣ୍ଡାଇବାକୁ ଯିବେ ! ଶେଷରେ ମଙ୍ଗରାଜଙ୍କ ପୁରୁଣା ହଳିଆ ମୁକୁନ୍ଦା ତା' ନିଜର କଣ କିଛି ଜିନିଷ ବିକାବିକି କଲା । ସବାରି ଖଣ୍ଡେ ଯୋଗାଡ଼ କରି ଗଲା କଟକରୁ ମଙ୍ଗରାଜଙ୍କୁ ଆଣିବାକୁ ।

ମଙ୍ଗରାଜ ଯେତେବେଳେ ଗୋବିନ୍ଦପୁର ଫେରିଲେ ସେତେବେଳେ ତାଙ୍କର ବଞ୍ଚିବାର ଆଉ ଆଶା ନଥିଲା । ଉଆସ ଅଗଣାରେ ତୁଳସୀ ଚଉରା ପାଖରେ, ଯେଉଁଠି ସାଆନ୍ତାଣି ମରି ପଡ଼ିଥିଲେ, ସେଇଠି ମଙ୍ଗରାଜଙ୍କ ନିସ୍ତେଜ ଦେହକୁ ଶୁଆଇ ଦିଆଗଲା । ସେ ଖାଲି ଏକାପଲକରେ ଉପରକୁ ଅନେଇ ରହିଥିଲେ । ପାଖରେ ଗୋପୀ କବିରାଜ ରହି ସମସ୍ତ ଚେଷ୍ଟା କରି ବିଫଳ ହୋଇସାରିଥିଲେ ।

ଚାରିଦିନ ଧରି ମଙ୍ଗରାଜ ସେମିତି ପଡ଼ି ରହିଲେ ଆକାଶକୁ ଅନେଇ । କେତେବେଳେ ଚମକି ପଡ଼ି ବିଳିବିଳିଉଥିଲେ, 'ଥ-ମା-ଆ-ଗୁଁ ।' କେତେବେଳେ ବି ଦେଖୁଥିଲେ, ଭୟଙ୍କର ନାରୀ ମୂର୍ତ୍ତି - ସିଏ ବାଳ ମୁକୁଳା କରି, ବଡ଼ ବଡ଼ ଧଳା ଦାନ୍ତ ଦେଖାଇ, ଲମ୍ବା ଜିଭଟି ଲହ ଲହ କରି ତାଙ୍କୁ ଖାଇବାକୁ ଗୋଡ଼ାଉଛି । ଆଉ କେତେବେଳେ ବି ଦେଖୁଥିଲେ ଭଗିଆ ପରି କେତେ କେତେ ପାଗଳ ଖଣ୍ଡା ଆଉ

Digitized by srujanika@gmail.com

ଲୁହାର ମୁଦ୍‌ଗର ଧରି କଳା ମେଘ ଭିତରୁ ବାହାରୁଛନ୍ତି, ଆଉ ସବୁ ମୁଦ୍‌ଗର କୁଟି ଦେଉଛନ୍ତି ତାଙ୍କର ମୁଣ୍ଡ ଉପରେ ।

ମଙ୍ଗରାଜ ଆଉ ପାରୁନଥିଲେ ସେ ଦୃଶ୍ୟ ଦେଖି । ଅସହାୟ ହୋଇ ଭଗବାନଙ୍କୁ ପ୍ରାର୍ଥନା କଲେ । ଠିକ୍ ଏତିକିବେଳେ ସେ ଦେଖିଲେ, ଆକାଶର ବହୁତ ଉଚ୍ଚରେ, ସୂର୍ଯ୍ୟମଣ୍ଡଳଠାରୁ ଆହୁରି ଉପରେ, ତାଙ୍କ ସ୍ତ୍ରୀଙ୍କର ସୁନ୍ଦର, କୋମଳ, ଜ୍ୟୋତିର୍ମୟ ମୂର୍ତ୍ତିଟିକୁ । ସିଏ ତାଙ୍କୁ ଆଶା ଦେଉଛନ୍ତି, ସାନ୍ତ୍ୱନା ଦେଉଛନ୍ତି, ପାଖକୁ ଯେମିତି ଡ଼ାକୁଛନ୍ତି ।

ସେଇଆଡ଼େ ବ୍ୟାକୁଳ ଭାବେ ଅନେଇ ରହି ମଙ୍ଗରାଜଙ୍କ ଶରୀରରୁ ପ୍ରାଣ ବାହାରି ଗଲା ।

— *** —

Digitized by srujanika@gmail.com